بسم الله الرحمن الرحيم

**୨୬ ଜୁଲାଇ ୨୦୧୯ ଖୁତବା ଜୁମାର ସାରାଂଶ**
**ସ୍ଥାନ – ମସଜିଦ୍ ବୟତୁଲ୍ ଫୁତୁହ୍, ଲଣ୍ଡନ**

ହଜରତ ମହମ୍ମଦ ସ.ଆଙ୍କର ସର୍ବୋଚ୍ଚ ସ୍ତରରେ ବିରାଜମାନ ତଥା ପଦମର୍ଯ୍ୟାଦା ସମ୍ପର୍ଣ୍ଣ ବଦରୀ ସାହାବିଙ୍କର ଉତମ ଚରିତ୍ରର ବିଶ୍ୱାସ ବର୍ଦ୍ଧକ ତଥା ହୃଦୟଗ୍ରାହୀ ଚର୍ଚ୍ଚା ।

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତି କରିବା ଅନ୍ତେ ହଜୁର ଅନଓ୍ୱର ଅ.ବ କହିଲେ- ଆଜି ମଧ୍ୟ ମୁଁ କେତେକ ବଦରୀ ସାହାବାଙ୍କର ଚର୍ଚ୍ଚା କରିବି, ତେବେ ପ୍ରଥମ ସାହାବି ହେଲେ ହଜରତ ମୁଜାହିର ବିନ୍ ରାଫେ ର.ଅ । ଆପଣଙ୍କ ପିତାଙ୍କ ନାମ ରାଫେ ବିନ୍ ଅଦି ଥିଲା । ଆପଣ ବଦର ଯୁଦ୍ଧ ସମେତ ସମସ୍ତ ଯୁଦ୍ଧରେ ହଜୁର ସ.ଅଙ୍କ ସାଥିରେ ସାମିଲ ଥିଲେ । ହଜରତ ମୁଜାହିର ହଜରତ ଉମର ର.ଅଙ୍କ ଖିଲାଫତ୍ ସମୟ କାଳରେ ମୃତ୍ୟୁ ବରଣ କରିଥିଲେ । ତାଙ୍କ ଶହିଦ୍ ହେବାର ଘଟଣା ଏପରି ବର୍ଣ୍ଣିତ ରହିଛି କି ୟହ୍‌ୟା ବିନ ସୋହେଲ୍ ବିନ୍ ଅବୁ ହେସମା ବର୍ଣ୍ଣନା କରିଛନ୍ତି କି ହଜରତ ମୁଜାହିର ବିନ୍ ରାଫେ ହାରସି ସିରିୟା ଦେଶରୁ କିଛି ବଳବନ୍ତ ଶ୍ରମିକଙ୍କୁ ସାଥିରେ ନେଇ ମୋ ପିତାଙ୍କ ନିକଟକୁ ଆସିଲେ, ଯଦ୍ୱାରା ସେମାନେ ତାଙ୍କ ଜମିରେ କୃଷିକାର୍ଯ୍ୟ କରିବେ । ଯେତେବେଳେ ସେମାନେ ଖୈବର ଅଂଚଳରେ ପହଂଚିଲେ ସେଠାରେ ୟହୁଦିମାନେ ଉକ୍ତ ଶ୍ରମିକମାନଙ୍କୁ ପ୍ରବତାଇଲେ କଲେ କି ହଜରତ ମୁଜାହିରଙ୍କୁ ହତ୍ୟା କରିଦିଅ ଏବଂ ସେମାନଙ୍କୁ ଦୁଇ ଅବା ତିନିଗୋଟି ଛୁରୀ ଗୁପ୍ତ ରୂପେ ପ୍ରଦାନ କଲେ । ଯେତେବେଳେ ହଜରତ ମୁଜାହିର ଖୈବରରୁ ବାହାରି ସବାର ନାମି ସ୍ଥାନରେ ପହଂଚିଲେ ସେତେବେଳେ ସେମାନେ ହଜରତ ମୁଜାହିରଙ୍କ ଉପରେ ଆକ୍ରମଣ କରିଦେଲେ ଏବଂ ତାଙ୍କ ପେଟ କାଟି ଶହିଦ୍ କରିଦେଲେ । ତା'ପରେ ସେମାନେ ଖୈବର ଫେରିଗଲେ, ସେଠାରେ ୟହୁଦିମାନେ ତାଙ୍କୁ ବାଟଖର୍ଚ୍ଚ ଓ କିଛି ଖାଦ୍ୟ ସାମଗ୍ରୀ ପ୍ରଦାନ କରି ସେମାନଙ୍କୁ ବିଦାୟ ଦେଲେ, ଏପରି ସେମାନେ ନିଜ ଦେଶ ସିରିୟାରେ ପହଂଚିଗଲେ । ଯେତେବେଳେ ହଜରତ ଉମର ର.ଅଙ୍କୁ ଏଥିସମ୍ବନ୍ଧରେ ସୂଚନା ମିଳିଲା ସେତେବେଳେ ଆପଣ ଘୋଷଣା କରିଦେଲେ ମୁଁ ଖୈବର ଅଭିମୁଖେ ବାହାରୁଛି । ସେଠାରେ ଥିବା ସମ୍ପତି ବଣ୍ଟନ କରିବି ଏବଂ ତାହାର ସୀମାରେଖା ନିରୂପଣ କରିବି ତଥା ଉକ୍ତ ୟହୁଦିମାନଙ୍କ ଠାରୁ ଏହି ଅପରାଧର ପ୍ରତିଶୋଧ ନେବି । ୟହୁଦିମାନଙ୍କୁ ସେଠାରୁ ବିତାଡ଼ିତ କରିବି କାରଣ ହଜରତ ମୁହମ୍ମଦ ସ.ଅ ସେମାନଙ୍କ ସମ୍ବନ୍ଧରେ କହିଥିଲେ ଯେ ମୁଁ ସେପର୍ଯ୍ୟନ୍ତ ତୁମମାନଙ୍କୁ ରହିବା ପାଇଁ ସ୍ଥାନ ପ୍ରଦାନ କରିବି ନାହିଁ ଯେପର୍ଯ୍ୟନ୍ତ ଅଲ୍ଲାଃତାଲା ତୁମମାନଙ୍କୁ କୌଣସି ସ୍ଥାନ ପ୍ରଦାନ କରିନାହାନ୍ତି ଏବଂ ଅଲ୍ଲାଃତାଲା ତାଙ୍କୁ ଦେଶରୁ ବହିସ୍କାର କରିବାର ଅନୁମତି ପ୍ରଦାନ କରିଛନ୍ତି । ବସ୍ତୁତଃ ହଜରତ ଉମର ର.ଅ ଏହିପରି ହିଁ କଲେ । ହଜରତ ମୁଜାହିର ୨୦ ହିଜରୀରେ ଶହିଦ୍ ହୋଇଥିଲେ ।

ପରବର୍ତୀ ସାହାବି ହେଲେ ହଜରତ ମାଲିକ ବିନ୍ କଦାମା । ଆପଣଙ୍କ ପିତାଙ୍କ ନାମ କଦାମା ବିନ୍ ଅରଫଜ୍ ଥିଲା । ଆପଣଙ୍କ ସମ୍ପର୍କ ଅନସାରର ଅଓ୍ୱସ କବିଲା ଅନ୍ତର୍ଭୁକ୍ତ ବନୁ ଗତଫାନ୍ ବଂଶର୍ଧର ସହିତ ଥିଲା । ହଜରତ ମାଲିକ ନିଜ ଭାଇ ହଜରତ ମୁନଜିର ବିନ୍ କଦାମାଙ୍କ ସହିତ ବଦର ଯୁଦ୍ଧରେ ସାମିଲ ହୋଇଥିଲେ ।

ପରବର୍ତୀ ସାହାବି ହେଲେ ହଜରତ ଖରିମ ବିନ୍ ଫାତିକ୍ ଏବଂ ଆପଣଙ୍କ ସମ୍ପର୍କ ବନୁ ଅସଲ୍ ସହିତ ଥିଲା । ପରବର୍ତୀ ସମୟରେ ହଜରତ ଖରିମ ନିଜ ପୁତ୍ରଙ୍କ ସାଥିରେ କୁଫା ପ୍ରବାସ କରି ରୁକା ସହରରେ ବାସତୀ ସ୍ଥାପନ କରିଥିଲେ ଏବଂ ଦୁହେଁ ସେହିଠାରେ ହଜରତ ଅମିର ମାଓ୍ୱିୟାଙ୍କ ସମୟ କାଳରେ ମୃତ୍ୟୁ ବରଣ କରିଥିଲେ ।

ପରବର୍ତୀ ସାହାବି ହେଲେ ହଜରତ ମାଅମର ବିନ୍ ହାରିସ । ଆପଣଙ୍କ ସମ୍ପର୍କ କୁରୈଶ କବିଲାର ବନୁ ଜୁମା ବଂଶଧର ସହିତ ଥିଲା । ଆପଣଙ୍କ ପିତାଙ୍କ ନାମ ହାରିସ ବିନ୍ ମାଅମର ଏବଂ ମାତାଙ୍କ ନାମ କତିଲାଃ ବିନତ୍ ମଜଉନ ଥିଲା, ଯେ ହଜରତ ଉସମାନ ବିନ୍ ମଜଉନଙ୍କର ଭଉଣୀ ଥିଲେ । ହଜରତ ମାଅମରଙ୍କର ଦୁଇ ଜଣ ଭାଇ ଥିଲେ, ଯାହାଙ୍କ ନାମ ହାତିବ ଓ ହତାବ ଥିଲା । ଏହି ତିନି ଭାଇ ହଜୁର ସ.ଅଙ୍କ ଦାରୁଲ୍ ଅରକମ୍‌ରେ ପ୍ରବେଶ କରିବା ପୂର୍ବରୁ ଇସଲାମ ସ୍ୱୀକାର କରିନେଇଥିଲେ । ହଜରତ ମାଅମରଙ୍କ ଗଣନା **ଅସ୍‌ସାବିକୁନଲ୍ ଅଓ୍ୱଲୁନ୍** ଅର୍ଥାତ ପ୍ରଥମ ଶ୍ରେଣୀର ମୁସଲମାନମାନଙ୍କ ମଧ୍ୟରେ ହୋଇଥାଏ । ହଜରତ ଆଏଶା ର.ଅ କଦାମାଙ୍କ ମାଧ୍ୟମରେ ବର୍ଣ୍ଣନା କରନ୍ତି କି ବନୁ ମଜଉନଙ୍କ ମଧ୍ୟରୁ ହଜରତ ଉସମାନ, ହଜରତ କଦାମା, ହଜରତ ଅବଦୁଲ୍ଲାଃ ଓ ହଜରତ ସାଏବ ବିନ୍ ଉସମାନ ବିନ୍ ମଜଉନ ଏବଂ ହଜରତ ମାଅମର ବିନ୍ ହାରସା ମକ୍କାରୁ ପ୍ରବାସ କରି ମଦିନାରେ ହଜରତ ଅବଦୁଲ୍ଲାଃ ବିନ୍ ସଲମା ଅଜଲାନିଙ୍କ ଘରେ

ଶରଣ ନେଇଥିଲେ । ହଜୁର ସ.ଅ ହଜରତ ମାଅମରଙ୍କ ଭାତୃଭାବ ହଜରତ ମାଜ୍ ବିନ୍ ଅଫରାଙ୍କ ସହିତ ସ୍ଥାପନ କରିଥିଲେ । ହଜରତ ମାଅମର ବିନ୍ ହାରିସ ବଦର, ଓ୍ୱହଦ ଓ ଖନ୍ଦକ ସମେତ ସମସ୍ତ ଯୁଦ୍ଧରେ ହଜୁର ସ.ଅଙ୍କ ସାଥିରେ ସାମିଲ ଥିଲେ । ଆପଣଙ୍କ ଦେହାନ୍ତ ହଜରତ ଉମର ର.ଅଙ୍କ ଖିଲାଫତ୍ ସମୟ କାଳରେ ୨୩ ହିଜରୀରେ ହୋଇଥିଲା ।

ପୁନଶ୍ଚ ଯେଉଁ ସାହାବିଙ୍କର ଚର୍ଚ୍ଚା କରିବି ସେ ହେଲେ ଜହିର ବିନ୍ ରାଫେ । ହଜରତ ଜହିର ବିନ୍ ରାଫେ ଅନସାରଙ୍କ ଅଓ୍ୱସ କବିଲାର ବନୁ ହାରସା ବଂଶଧର ସହିତ ଥିଲା । ଆପଣଙ୍କ ପୁତ୍ରଙ୍କ ନାମ ଅସଦ ଥିଲା ଏବଂ ସେ ମଧ୍ୟ ସାହାବିଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । ହଜରତ ଜହିର, ରାଫେ ବିନ୍ ଖଦିଜ୍‌ଙ୍କ ଚଚା ଥିଲେ । ଆପଣଙ୍କ ପତ୍ନୀଙ୍କ ନାମ ଫାତିମା ବିନତ୍ ବଶିର ଥିଲା, ଯେ ବନୁ ଅଦି ବିନ୍ ଗନମ୍ ସମ୍ପ୍ରଦାୟଭୁକ୍ତ ଥିଲେ । ହଜରତ ମୁଜାହିର ବିନ୍ ରାଫେ ହଜରତ ଜହିରଙ୍କର ଭାଇ ଥିଲେ, ଉଭୟେ ବଦର ଯୁଦ୍ଧରେ ସାମିଲ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ହଜରତ ଜହିର ଦ୍ୱିତୀୟ ବୈଅତେ ଉକବା, ବଦର, ଓ୍ୱହଦ୍ ଏବଂ ପରବର୍ତୀ ସମସ୍ତ ଯୁଦ୍ଧରେ ହଜୁର ସ.ଅଙ୍କ ସାଥିରେ ସାମିଲ ଥିଲେ ।

ପରବର୍ତୀ ସାହାବି ହେଲେ ହଜରତ ଉମରୋ ବିନ୍ ଅୟାସ । ସେ ୟମନ ଦେଶର ଥିଲେ ଏବଂ ଅନସାରର ବନୁ ଲୌଜାନ କବିଲାର ହଲିଫ୍ (ପରସ୍ପରକୁ ସହାଯ୍ୟ କରିବାର ସନ୍ଧି କରିବା) ଥିଲେ । ତାଙ୍କ ପିତାଙ୍କ ନାମ ଅୟାସ ବିନ୍ ଉମରୋ ଥିଲା । ହଜରତ ଉମରୋ ବଦର ଓ ଓ୍ୱହଦ୍ ଯୁଦ୍ଧରେ ହଜୁର ସ.ଅଙ୍କ ସାଥିରେ ସାମିଲ ଥିଲେ । ହଜରତ ଉମରୋ ରବି ବିନ୍ ଅୟାସ, ହଜରତ ଓରକା ବିନ୍ ଅୟାସଙ୍କର ଭାଇ ଥିଲେ ଏବଂ ଏହି ତିନି ଭାଇ ବଦର ଯୁଦ୍ଧରେ ସାମିଲ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ ।

ପରବର୍ତୀ ସାହାବି ହେଲେ ହଜରତ ମଦଲଜ୍ ବିନ୍ ଉମରୋ । ହଜରତ ମଦଲଜ୍ ବିନ୍ ଉମରୋଙ୍କର ନାମ ମଦଲାଜ୍ ଥିବାର ମଧ୍ୟ ବର୍ଣ୍ଣନା ମିଳୁଅଛି । ସେ ବନୁ ସଲିମ୍ ଗୋଷ୍ଠୀ ଅନ୍ତର୍ଭୁକ୍ତ ବନୁ ହଜର ବଂଶଧର ଥିଲେ । ହଜରତ ମଦଲଜ୍ ବଦର ଯୁଦ୍ଧରେ ନିଜର ଦୁଇ ଭାଇ ହଜରତ ସକିଫ୍ ବିନ୍ ଉମରୋ ଓ ହଜରତ ମାଲିକ ବିନ୍ ଉମରୋଙ୍କ ସାଥିରେ ସାମିଲ ଥିଲେ । ଆପଣ ବଦର, ଓ୍ୱହଦ୍ ଓ ପରବର୍ତୀ ସମସ୍ତ ଯୁଦ୍ଧରେ ହଜୁର ସ.ଅଙ୍କ ସାଥିରେ ସାମିଲ ଥିଲେ । ଆପଣଙ୍କ ଦେହାନ୍ତ ୫୦ ହିଜରୀରେ ହଜରତ ଅମିର ମାଓ୍ୱିୟାଙ୍କ ସମୟ କାଳରେ ହୋଇଥିଲା ।

ପରବର୍ତୀ ସାହାବି ହେଲେ ହଜରତ ଅବଦୁଲ୍ଲାଃ ବିନ୍ ସୁହେଲ୍ । ଆପଣଙ୍କ ପିତାଙ୍କ ନାମ ସୋହେଲ ବିନ୍ ଉମରୋ ଓ ମାତାଙ୍କ ନାମ ଫାଖତାଃ ବିନତ୍ ଉମରୋ ଏବଂ ଭାଇଙ୍କ ନାମ ଅବୁ ଜନଦଲ୍ ଥିଲା । ଯେତେବେଳେ ହଜରତ ଅବଦୁଲ୍ଲାଃ ବିନ୍ ସୋହେଲ ହବସାରୁ ମକ୍କା ବାହୁଡ଼ିଲେ ସେତେବେଳେ ତାଙ୍କ ପିତା ଜବରଦସ୍ତି ତାଙ୍କ ଧର୍ମ ପରିବର୍ତନ କରିଦେଲେ । ଆପଣ ଅମାନ୍ୟକାରୀଙ୍କ ସାଥିରେ ମୁସଲମାନମାନଙ୍କ ମୁକାବିଲା କରିବା ନିମନ୍ତେ ବଦର ଅଭିମୁଖେ ଯାତ୍ରା କରିଥିଲେ କିନ୍ତୁ ଯେତେବେଳେ ବଦରରେ ମୁସଲମାନ ଓ ଅମାନ୍ୟକାରୀ ମୁହାଁମୁହିଁ ହେଲେ ସେତେବେଳେ ହଜରତ ଅବଦୁଲ୍ଲାଃ ବିନ୍ ସୋହେଲ୍ ମୁସଲମାନଙ୍କ ଦଳକୁ ଚାଲିଆସି ହଜୁର ସ.ଅଙ୍କ ସେବାରେ ହାଜର ହେଲେ । ଏପରି ସେ ମୁସଲମାନ ହେବା ଅବସ୍ଥାରେ ବଦର ଯୁଦ୍ଧରେ ସାମିଲ ହୋଇଥିଲେ, ସେତେବେଳେ ତାଙ୍କୁ ୨୭ବର୍ଷ ବୟସ ହୋଇଥିଲା । ହଜରତ ଅବଦୁଲ୍ଲାଃ ବିନ୍ ସୋହେଲ ବଦର, ଓ୍ୱହଦ, ଖନ୍ଦକ ସମେତ ସମସ୍ତ ଯୁଦ୍ଧରେ ହଜୁର ସ.ଅଙ୍କ ସାଥିରେ ସାମିଲ ଥିଲେ । ହଜରତ ଅବଦୁଲ୍ଲାଃ ମକ୍କା ବିଜୟ ଦିବସରେ ନିଜ ପିତାଙ୍କୁ ସୁରକ୍ଷା ପ୍ରଦାନ କରିବାର ହଜୁର ସ.ଅଙ୍କ ଠାରୁ ପ୍ରତିଶୃତି ନେଇଥିଲେ । ସୁତରାଂ ସେ ହଜୁର ସ.ଅଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ ହେ ଅଲ୍ଲାଃଙ୍କ ରସୁଲ ! କ'ଣ ଆପଣ ମୋ ପିତାଙ୍କୁ ଅମାନ (ସୁରକ୍ଷା) ପ୍ରଦାନ କରିବାର ପ୍ରତିଶୃତି ଦେବେ । ହଜୁର ସ.ଅ ଉତର ଦେଲେ ସେ ଅଲ୍ଲାଃଙ୍କ ଅମାନ ଯୋଗୁଁ ଅମନ ପାଇବେ । ତାଙ୍କୁ କହିଦିଅ ଯେ ସେ ପଦାରେ ନିର୍ଭୟର ସହ ଚଳପ୍ରଚଳ କରନ୍ତୁ । ତା'ପରେ ହଜୁର ସ.ଅ ଉପସ୍ଥିତ ସଜନମଣ୍ଡଳିକୁ କହିଲେ କୌଣସି ବ୍ୟକ୍ତି ସୋହେଲ ବିନ୍ ଉମରୋଙ୍କୁ ଘୃଣ୍ୟ ଚକ୍ଷୁରେ ଦେଖିବେ ନାହିଁ । ମୁଁ ପ୍ରତିଜ୍ଞା କରି କହୁଅଛି, ନିଶ୍ଚିତ ରୂପେ ସୋହେଲ ଜଣେ ଜ୍ଞାନବନ୍ତ ଓ ସଜନ ବ୍ୟକ୍ତି । ସୋହେଲ ପରି ବ୍ୟକ୍ତି ଇସଲାମ ଧର୍ମରୁ ଅଜଣା ରହିପାରିବେ ନାହିଁ । ସେହି ସଭାରେ ହଜରତ ଅବଦୁଲ୍ଲାଃ ବିନ୍ ସୋହେଲ ମଧ୍ୟ ଉପସ୍ଥିତ ଥିଲେ, ସେଠାରୁ ସେ ଉଠି ନିଜ ପିତାଙ୍କ ନିକଟକୁ ଗଲେ ଏବଂ ତାଙ୍କୁ ହଜୁର ସ.ଅଙ୍କ ମତାମତ ସମ୍ବନ୍ଧରେ ଅବଗତ କଲେ । ସୋହେଲ କହିଲେ ଅଲ୍ଲାଃଙ୍କ ରାଣ ! ସେ ବାଲ୍ୟ ଓ ବୃଦ୍ଧ ଉଭୟ ଅବସ୍ଥାରେ ଜଣେ ପୁଣ୍ୟବନ୍ତ ଓ ମହାନ ବ୍ୟକ୍ତିତ୍ୱର ଉଦାହରଣ ପ୍ରଦର୍ଶନ କରିଛନ୍ତି । ଏପରି ହଜରତ ଅବଦୁଲ୍ଲାଃଙ୍କ ପିତା ଇସଲାମ ଧର୍ମ ସ୍ୱୀକାର କରିନେଲେ । ହଜରତ ସୋହେଲ ଇସଲାମ ଧର୍ମ ସ୍ୱୀକାର କରିବା ଘଟଣା ସମ୍ବନ୍ଧରେ କହୁଥିଲେ ଅଲ୍ଲାଃତାଲା ମୋ ପୁତ୍ରର ମୁସଲମାନ ହେବା ପରେ ତାକୁ ଅନେକ ଉନ୍ନତି ପ୍ରଦାନ କରିଛନ୍ତି ।

ହଜରତ ଅବଦୁଲ୍ଲାଃ ୟମାମା ଯୁଦ୍ଧରେ ମଧ୍ୟ ସାମିଲ ଥିଲେ ଏବଂ ସେହି ଯୁଦ୍ଧରେ ଅର୍ଥାତ ୧୨ ହିଜରୀରେ ହଜରତ ଅବୁବକର ର.ଅଙ୍କ ଖିଲାଫତ୍ ସମୟ କାଳରେ ଶହିଦ୍ ହୋଇଥିଲେ । ସେତେବେଳେ ତାଙ୍କୁ ୩୮ବର୍ଷ ବୟସ ହୋଇଥିଲା । ହଜରତ ଅବଦୁଲ୍ଲାଃଙ୍କ

ପିତା ସୋହେଲ ମଧ୍ୟ ଆପଣଙ୍କର ଇସଲମାର ବାର୍ତା ପ୍ରଦାନ କରିବା ଫଳରେ ବୈଅତ କରିଥିଲେ । ହଜରତ ଅବୁବକର ସିଦ୍ଦିକ୍ ର.ଅ ନିଜ ଖିଲାଫତ୍ ସମୟ କାଳରେ ଯେତେବେଳେ ହଜ କରିବା ନିମନ୍ତେ ମକ୍କା ଆଗମନ କରିଥିଲେ ସେତେବେଳେ ହଜରତ ସୋହେଲ ର.ଅ ହଜରତ ଅବୁବକର ର.ଅଙ୍କୁ ସାକ୍ଷାତ କରିବା ପାଇଁ ଆସିଲେ । ହଜରତ ଅବୁବକର ତାଙ୍କ ପୁତ୍ରଙ୍କ ବିୟୋଗର ଦୁଃଖ ପ୍ରକାଶ କରିବାରୁ ହଜରତ ସୋହେଲ କହିଲେ ମୋ ନିକଟରେ ଏକଥା ପହଂଚିଛି କି ହଜୁର ସ.ଅ କହିଥିଲେ ଶହିଦ୍ ନିଜର ୭୦ଜଣ ନିକଟ ସମ୍ପର୍କୀୟଙ୍କ ସଫାଅତ୍ (କ୍ଷମା ଯାଚନା) କରିବେ । **ତେବେ ମୁଁ ଆଶା କରୁଅଛି ଯେ ମୋ ପୁତ୍ର ମୋ ବ୍ୟତୀତ ଅନ୍ୟକାହା ଠାରୁ ସଫାଅତ୍ କରିବା ଆରମ୍ଭ କରିବ ନାହିଁ** । ଏହିପରି ଆଉ ଏକ ମନ୍ତବ୍ୟ ଅନୁଯାୟୀ ହଜରତ ଅବଦୁଲ୍ଲାଃ ବୈହରୈନ ଅଂଚଳ ଜଓ୍ୱାସା ଠାରେ ୮୮ ବର୍ଷ ବୟସରେ ଶହିଦ୍ ହୋଇଥିଲେ । ଜଓ୍ୱାସା ବୈହରୈନ୍ ଅବଦୁଲ କୈସଙ୍କର ଦୁର୍ଗ ଥିଲା । ଜାହାକୁ ଅଲା ବିନ୍ ହଜରମି ହଜରତ ଅବୁବକର ସିଦ୍ଦିକ୍ ର.ଅଙ୍କ ଖିଲାଫତ୍ ସମୟ କାଳରେ ୧୨ ହିଜରୀରେ ବିଜୟ ଲାଭ କରାଯାଇଥିଲା । ସେ ଜାହା ହେଉ ଇତିହାସ ପୃଷ୍ଠାରେ ତାଙ୍କ ସମ୍ବନ୍ଧରେ ଏହି ଦୁଇଟି ବର୍ଣ୍ଣନା ମିଳୁଅଛି ।

ପରବର୍ତୀ ସାହାବି ହେଲେ ହଜରତ ୟଯିଦ୍ ବିନ୍ ହାରିସ୍ । ଆପଣଙ୍କ ସମ୍ପର୍କ ଅନସାରର ଖଜରଜ୍ କବିଲାର ବନୁ ଅହମର ବିନ୍ ହାରିସ ବଂଶଧର ସହିତ ଥିଲା । ହଜରତ ୟଯିଦ୍ ବଦର ଯୁଦ୍ଧରେ ସାମିଲ ଥିଲେ ଏବଂ ସେହି ଯୁଦ୍ଧରେ ଶହିଦ୍ ହେବାର ମଧ୍ୟ ସୌଭାଗ୍ୟ ଅର୍ଜନ କରିଥିଲେ ।

ପୁନଶ୍ଚ ଯେଉଁ ସାହାବିଙ୍କ ଚର୍ଚ୍ଚା କରିବି ସେ ହେଲେ ହଜରତ ଉମେର ବିନ୍ ହମାମ । ହଜରତ ଉମେର ବିନ୍ ହମାମଙ୍କର ସମ୍ପର୍କ ଅନସାରର ଖଜରଜ୍ କବିଲାର ଶାଖା ବନୁ ସଲ୍ମିର ବନୁ ହରାମ ବିନ୍ କାବ ବଂଶଧର ସହିତ ଥିଲା । ହଜରତ ମୁହମ୍ମଦ ସ.ଅ ହଜରତ ଉମେର ବିନ୍ ହମାମ ଓ ହଜରତ ଅବିଦାଃ ବିନ୍ ହାରିସ ମୁତଲବିଙ୍କ ମଧ୍ୟରେ ଭାତୃଭାବର ସମ୍ପର୍କ ସ୍ଥାପନ କରିଥିଲେ । ଏହି ଦୁହେଁ ବଦର ଯୁଦ୍ଧରେ ସାମିଲ ଥିଲେ । ବଦର ଯୁଦ୍ଧ ଅବସରରେ ଅମାନ୍ୟକାରୀମାନେ ଯେତେବେଳେ ମୁସଲମାନମାନଙ୍କ ନିକଟତର ହେଲେ ସେତେବେଳେ ହଜୁର ସ.ଅ କହିଲେ ହେ ମୁସଲମାନମାନେ ! ବୈକୁଣ୍ଠ ପ୍ରାପ୍ତି ନିମନ୍ତେ ଆଗକୁ ବଢ ଯାହାର ପ୍ରସ୍ଥ ଆକାଶ ଓ ପୃଥିବୀ ସମତୁଲ୍ୟ ଅଟେ । ହଜରତ ଉମେର ବିନ୍ ହମାମ କହିଲେ ହେ ଅଲ୍ଲାଃଙ୍କ ରସୁଲ ! ସେହି ବୈକୁଣ୍ଠ ଯାହାର ପ୍ରସ୍ଥ ଆକାଶ ଓ ପୃଥିବୀ ସହ ସମାନ, କ'ଣ ଏହା ଆପଣ କହୁଛନ୍ତି ? ହଜୁର ଉତର ଦେଲେ, ହଁ ମୁଁ କହୁଅଛି । ଏଥିରେ ସେ କହିଲେ ୱାହ୍ ୱାହ୍ । ହଜୁର ସ.ଅ କହିଲେ ତୁମେ ଏପରି ପଦ କ'ଣ ପାଇଁ କହିଲ । ସେ ଉତର ଦେଲେ ହେ ଅଲ୍ଲାଃଙ୍କ ରସୁଲ ! ମୁଁ ଅଲ୍ଲାଃଙ୍କ ଶପଥ କରି ଏହି ଅଭିଳାଷାରେ କହୁଅଛି କି ମୁଁ ବୈକୁଣ୍ଠବାସୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଯାଏ । ଏଥିରେ ହଜୁର ସ.ଅ କହିଲେ ତୁମେ ବୈକୁଣ୍ଠବାସୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ । ତା'ପରେ ସେ ଅମାନ୍ୟକାରୀଙ୍କ ସହ ଲଢିବା ଆରମ୍ଭ କରିଦେଲେ ଏବଂ ଶହିଦ୍ ହୋଇଗଲେ । ସେତେବେଳେ ସେ ଏହି ବାକ୍ୟ ଉଚ୍ଚାରଣ କରିଚାଲିଥିଲେ, **କେହି ଅଲ୍ଲାଃଙ୍କ ନିକଟକୁ କେବଳ ଧର୍ମପରାୟଣତା ଓ ପରକାଳ ବ୍ୟତୀତ ଅନ୍ୟଥା କିଛି ସାଥିରେ ନେଇ ଯାଇନଥାଏ ଏବଂ ମୁଁ ଅଲ୍ଲାଃଙ୍କ ମାର୍ଗରେ ଜିହାଦ୍ କରିବାରେ ଅଟଳ ରହିଅଛି** । ନିଃସନ୍ଦେହ ଧର୍ମନିଷ୍ଠତା ସର୍ବୋତମ ଜିନିଷ ଏବଂ ସତ୍ମାର୍ଗ ପ୍ରତି (ଅନ୍ୟର) ମାର୍ଗଦର୍ଶନ କରିବା ସବୁଠାରୁ ଉତମ ତଥା ପରିଶେଷରେ ସମସ୍ତ ବସ୍ତୁ ଧ୍ୱଂସ ପାଇଯିବ । ମୁସଲମାନଙ୍କ ମଧ୍ୟରୁ ସର୍ବପ୍ରଥମେ ଅନସାର ଗୋଷ୍ଠୀର ହଜରତ ଉମେର ବିନ୍ ହମାମ ଶହିଦ୍ ହୋଇଥିଲେ । କିନ୍ତୁ ଆଉ କେତେକଙ୍କ କହିବାନୁଯାୟୀ ହଜରତ ହାରସା ବିନ୍ କୈସ ସର୍ବପ୍ରଥମେ ଶହିଦ୍ ହୋଇଥିଲେ । ତେବେ ସେ ଜାହା ହେଉ ବଦର ଯୁଦ୍ଧରେ ଏହି ସାହାବିଦ୍ୱୟ ଶହିଦ୍ ହୋଇଥିଲେ ।

ପରବର୍ତୀ ସାହାବି ହେଲେ ହଜରତ ହମିଦ୍ ଅନସାରୀ । ହଜରତ ଜୁବେର ବର୍ଣ୍ଣନା କରନ୍ତି କି ମଦିନାର ପଥୁରିଆ ଜମିରେ ଏକ ଛୋଟ ନାଳରେ ପ୍ରବାହିତ ଜଳ ଉକ୍ତ ଅଂଚଳର ଜମିଗୁଡ଼ିକରେ ସିଂଚନ କରାଯାଉଥିଲା । ଏକଦା ତାଙ୍କର ଜଣେ ଅନସାର ସହିତ ଝଗଡ଼ା ହୋଇଗଲା, ଯେ ବଦର ଯୁଦ୍ଧରେ ସାମିଲ ଥିଲେ । ହଜୁର ସ.ଅଙ୍କ ନିକଟକୁ ଉକ୍ତ ମାମଲା ସମାଧାନ କରିବା ପାଇଁ ଆଗତ ହେଲା, ସେ ଦୁହେଁ ସେହି ନାଳର ଜଳ ନିଜ ନିଜ ଜମିରେ ସିଂଚନ କରୁଥିଲେ । ହଜୁର ସ.ଅ ହଜରତ ଜୁବେରଙ୍କୁ କହିଲେ ତୁମ ଜମି ପ୍ରଥମେ ରହିଛି ତେଣୁ ପ୍ରଥମେ ତୁମେ ନିଜ ଜମିରେ ଜଳସିଂଚନ କରି ନିଜ ପଡ଼ୋଶି ନିମନ୍ତେ ଜଳ ଛାଡ଼ିଦିଅ । ଏଥିରେ ସେ ଅନସାରୀ ବିରକ୍ତ ହୋଇ କହିଲେ ହେ ଅଲ୍ଲାଃଙ୍କ ରସୁଲ ! କ'ଣ ସେ ଆପଣଙ୍କ ଫୁପୁ ପୁଅ (ସମ୍ପର୍କୀୟ) ଯୋଗୁଁ ଆପଣ ଏପରି ନିଷ୍ପିତି ଦେଲେ । ଏହା ଶୁଣି ହଜୁର ସ.ଅଙ୍କ ମୁଖ ଲୋହିତ ବର୍ଣ୍ଣ ହୋଇଗଲା ଏବଂ ହଜୁର କହିଲେ ହେ ଯୁବେର, ପ୍ରଥମେ ମୁଁ ଦୟା ପ୍ରଦର୍ଶନ କରି ନିଷ୍ପତି ଦେଇଥିଲି କି ତୁମେ ପ୍ରଥମେ ଜଳଶେଚନ କର କିନ୍ତୁ ବର୍ତମାନ ଅଧିକାରର ପ୍ରଶ୍ନ ଉଠିଲାଣି ତେଣୁ ତୁମେ ଜଳ ଶେଚନ କର ଏବଂ ତାହାକୁ ରୋକି ରଖ ଯେପର୍ଯ୍ୟନ୍ତ କି ତାହା ହିଡ଼ର ଶିର୍ଷ ଭାଗ ପର୍ଯ୍ୟନ୍ତ ପରିପୂର୍ଣ୍ଣ ହୋଇନଯାଏ । ଏପରି ହଜୁର ସ.ଅ ହଜରତ ଜୁବେରଙ୍କୁ ତାଙ୍କର ପୂର୍ଣ୍ଣ ଅଧିକାର ପ୍ରଦାନ କରିଥିଲେ, ଯେତେବେଳେ କି ହଜୁର ସ.ଅ ଏହା ପୂର୍ବରୁ ତାଙ୍କୁ ନିଜ ରାଏ ଦେଇସାରିଥିଲେ, ଯେଉଁଥିରେ ହଜରତ ଜୁବେର ଓ

ଉକ୍ତ ଅନସାରଙ୍କର ବେଶ ଉପକାର ସାଧିତ ହୋଇଥାନ୍ତା । କିନ୍ତୁ ଯେତେବେଳେ ଅନସାର ଜଣକ ହଜୁର ସ.ଅଙ୍କୁ ଅପ୍ରସନ୍ନ କରିଦେଲା ସେତେବେଳେ ହଜୁର ସ.ଅ ନ୍ୟାୟସଙ୍ଗତ ଓ ସଠିକ୍ ନିଷ୍ପତି ଦେଇ ସେମାନଙ୍କୁ ସେମାନଙ୍କ ଉପଯୁକ୍ତ ଅଧିକାର ପ୍ରଦାନ କରିଦେଲେ । ଉରଓ୍ୱା କୁହନ୍ତି ହଜରତ ଜୁବେର କହୁଥିଲେ ଅଲ୍ଲାଃଙ୍କ ରାଣ ! ମୁଁ ଏହା ମଣୁଅଛି କି ନିମ୍ନ ପଙ୍କ୍ତି ଏହି ଘଟଣା ସମ୍ବନ୍ଧରେ ଅବତୀର୍ଣ୍ଣ ହୋଇଅଛି **ଫଲା ଓ୍ୱରବ୍‌ବୁକା ଲାୟୁମିନୁନା ହତ୍‌ତା ୟୁହକ୍‌କିମୁକା ଫିମା ଶଜରା ବୈନହୁମ୍ ସୁମ୍ମା ଲାୟଜିଦୁ ଫି ଅନ୍‌ଫୁସିହିମ୍ ହରଜମ୍ ମିମ୍ମା କଜୈତା ଓ୍ୱୟୁସଲ୍ଲିମୁ ତସ୍‌ଲିମା** ଅର୍ଥାତ  ତୁମ ସୃଷ୍ଟିକର୍ତାଙ୍କ ରାଣ ଯେପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରେ ପ୍ରତ୍ୟେକ ମାମଲାରେ ତିକ୍ତତା ରହିଛି, ଏବଂ ତାହାର ସମାଧାନ ନିମନ୍ତେ ସେମାନେ ତୁମକୁ ନ୍ୟାୟ ବିଚାରକ ନକରନ୍ତି ଏବଂ ସେଥିସମ୍ବନ୍ଧରେ ତୁମେ ଜାହା ନିଷ୍ପତି ଦିଅ ସେଥିରେ ସେମାନେ ନିଜ ଅନ୍ତରରେ କୌଣସି କିସମର ଭିନ୍ନ ମତ ପ୍ରକାଶ ନପାଏ ତଥା ସେମାନେ ସମ୍ପୂର୍ଣ୍ଣ ରୂପେ ତୁମର ଆଜ୍ଞାକାରୀ ହୋଇନାହାନ୍ତି, କଦାପି ବିଶ୍ୱସ୍ତ ମଧ୍ୟରେ ଅନ୍ତର୍ଭୁକ୍ତ ହେବେ ନାହିଁ । ଅଲଅସାବାଃ, ଅସଦୁଲ୍ ଗାବା ଏବଂ ସହି ବୁଖାରୀର ବ୍ୟାଖ୍ୟା ଇରଶାଦୁସ୍ ସାରିରେ ବର୍ଣ୍ଣିତ ରହିଛି କି ସେହି ଅନସାରୀ ଜାହାଙ୍କର ହଜରତ ଯୁବେରଙ୍କ ସହ ମନମାଳିନ୍ୟ ହୋଇଥିଲା, ସେ ହଜରତ ହମିଦ ଅନସାରୀ ଥିଲେ । ଯେ ବଦର ଯୁଦ୍ଧରେ ସାମିଲ ଥିଲେ । ତେବେ ସେ ଜାହା ହେଉ ଶୈତାନ ଗୁପ୍ତ ରୂପେ ତାଙ୍କ ଉପରେ ଆକ୍ରମଣ କରି ଏପରି ଆପତି କରିବାକୁ ପ୍ରବର୍ତାଇ ଥିଲା କିନ୍ତୁ ଏହି ବଦରୀ ସାହାବାଙ୍କ ସମ୍ବନ୍ଧରେ ଅଲ୍ଲାଃ ପରମବ୍ରହ୍ମ ସେମାନଙ୍କୁ କ୍ଷମା ପ୍ରଦାନ କରିବାର ଘୋଷଣା କରିଦେଇଛନ୍ତି ।

ପୁନଶ୍ଚ ହଜରତ ଉମରୋ ବିନ୍ ମାଜ୍ ବିନ୍ ନୁମାନ ଅସିରିୟା ଜଣେ ସାହାବି ଥିଲେ । ଆପଣଙ୍କ ପିତାଙ୍କ ନାମ ମାଜ ବିନ୍ ନୁମାନ ଓ ମାତାଙ୍କ ନାମ କବଶା ବିନତ୍ ରାଫେ ଥିଲା । ହଜୁର ସ.ଅ ହଜରତ ଉମରୋ ବିନ୍ ମାଜ୍ ଓ ହଜରତ ଉମେର ବିନ୍ ଅବୁ ଓ୍ୱକାସଙ୍କ ସହ ଭାତୃଭାବ ସ୍ଥାପନ କରିଥିଲେ । ହଜରତ ଉମରୋ ବିନ୍ ମାଜ୍ ନିଜ ଭାଇ ହଜରତ ସାଦଙ୍କ ସହିତ ବଦର ଯୁଦ୍ଧରେ ସାମିଲ ହୋଇଥିଲେ । ଆପଣ ଓ୍ୱହଦ ଯୁଦ୍ଧରେ ଶହିଦ୍ ହୋଇଥିଲେ । ସେତେବେଳେ ଆପଣଙ୍କୁ ୩୨ବର୍ଷ ବୟସ ହୋଇଥିଲା ।

ପରବର୍ତୀ ସାହାବି ହେଲେ ହଜରତ ମସଉଦ ବିନ୍ ଉମରୋ । ହଜରତ ମସଉଦଙ୍କ ସମ୍ପର୍କ କାରା କବିଲା ସହ ଥିଲା ଏବଂ ଆପଣ ବନୁ ଜୋହରା କବିଲାର ହଲିଫ୍ ଥିଲେ । ହଜରତ ମସଉଦଙ୍କ ପିତାଙ୍କ ନାମ ରବି କିମ୍ବା ରବିଆ ଓ ଆମିର ଥିବାର ମଧ୍ୟ ବର୍ଣ୍ଣନା ମିଳୁଅଛି । ହଜରତ ମସଉଦଙ୍କ ଗୋଟିଏ ପୁତ୍ରଙ୍କ ନାମ ଅବଦୁଲ୍ଲାଃ ଥିବାର ବର୍ଣ୍ଣନା ମିଳୁଅଛି । ହଜରତ ମସଉଦଙ୍କ ପରିବାରକୁ ମଦିନାରେ କାରୀ କୁହାଯାଉଥିଲା । ଆପଣ ହଜୁର ସ.ଅଙ୍କ ଦାରୁଲ୍ ଅରକମ୍‌ରେ ପ୍ରବେଶ କରିବା ପୂର୍ବରୁ ବିଶ୍ୱାସ ଆଣିଥିଲେ । ହଜୁର ସ.ଅ ଆପଣଙ୍କ ସହିତ ହଜରତ ଅବିଦ ବିନ୍ ତିହାନଙ୍କ ମଧ୍ୟରେ ଭାତୃଭାବ ସ୍ଥାପନ କରିଥିଲେ । ହଜରତ ମସଉଦ ବିନ୍ ରବିଆ ବଦର, ଓ୍ୱହଦ, ଖନ୍ଦକ ସମେତ ସମସ୍ତ ଯୁଦ୍ଧରେ ହଜୁର ସ.ଅଙ୍କ ସାଥିରେ ସାମିଲ ଥିଲେ । ଆପଣଙ୍କ ଦେହାନ୍ତ ୩୦ହିଜରୀରେ ହୋଇଥିଲା । ସେତେବେଳେ ଆପଣଙ୍କୁ ୬୦ବର୍ଷରୁ ଉର୍ଦ୍ଧ୍ୱ ବୟସ ହୋଇଥିଲା । ହଜୁର ଅନଓ୍ୱର ଅ.ବ କହିଲେ ଅଲ୍ଲାଃତାଲା ବୈକୁଣ୍ଠରେ ଏସମସ୍ତ ସାହାବାମାନଙ୍କ ସ୍ତର ବୃଦ୍ଧି କରିଚାଲନ୍ତୁ ଏବଂ ଆମମାନଙ୍କୁ ସେମାନଙ୍କ ପୁଣ୍ୟକର୍ମଗୁଡ଼ିକୁ ଅବ୍ୟାହତ ରଖିବାକୁ ଶକ୍ତି ପ୍ରଦାନ କରନ୍ତୁ । ଏଥିଅନ୍ତେ ମୁଁ ସଂକ୍ଷେପରେ ଏହା କହିବାକୁ ଚାହେଁ ଯେ ଆସନ୍ତା ଜୁମାରୁ **ଇନ୍‌ଶା ଅଲ୍ଲାଃ** ଇଂଲଣ୍ଡର ବାର୍ଷିକ ଧର୍ମ ସମ୍ମିଳନୀ ଆରମ୍ଭ ହେବାକୁ ଯାଉଅଛି, ତାହା ପ୍ରତ୍ୟେକ ଦିଗରୁ ସଫଳ ହେବା ନିମନ୍ତେ ଦୁଆ କରିବେ । ଯେଉଁମାନଙ୍କର ଡ଼ିୟୁଟି ରହିଛି ସେମାନେ ନିଜର ସମସ୍ତ ସାମର୍ଥ୍ୟ ବିନିଯୋଗ କରି ନିଜ ନିଜ କର୍ତବ୍ୟ ସମ୍ପାଦନ କରିବାକୁ ପ୍ରୟାସ କରିବେ ଏବଂ ଦୁଆ ମଧ୍ୟ କରିବେ କି ଅଲ୍ଲାଃତାଲା ସେମାନଙ୍କୁ ସଠିକ୍ ଭାବରେ ଡ଼ିୟୁଟି ଦେବାକୁ ଶକ୍ତି ପ୍ରଦାନ କରନ୍ତୁ । ଅଲ୍ଲାଃତାଲା ସେମାନଙ୍କୁ ଉତମ ରୂପେ ହଜରତ ମସିହ ମଉଦ ଅ.ସଙ୍କ ଅତିଥିମାନଙ୍କର ସତ୍କାର କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ଚଳିତ ବର୍ଷ Transport ବିଭାଗର ଏଥିଯୋଗୁଁ କିଛି ଅଧିକ ଦାୟିତ୍ୱ ଭାର ବଢିଯାଇଛି ଏବଂ ସେମାନଙ୍କୁ ଏହା ବିଧିବଦ୍ଧ ଯୋଜନାର ସହ ସମ୍ପାଦନ କରିବାକୁ ହେବ କାରଣ ଏଠାରେ ଅତିଥିମାନଙ୍କ ରହିବା ବ୍ୟବସ୍ଥା କରାଯାଇଛି, ସେମାନଙ୍କୁ ଜଲସା ଆରମ୍ଭ ହେବା ପୂର୍ବରୁ ଓ ଜଲସା ଶେଷ ହେବା ଅନ୍ତେ ନେବା ଆଣିବାର ବ୍ୟବସ୍ଥା କରିବାକୁ ହେବ, ଏଥିପାଇଁ ମୁଁ ଅଫସର ସାହେବ ଜଲସାଙ୍କୁ କହିଦେଇଛି କି ଆପଣ ପୂର୍ବରୁ ଏଥିପାଇଁ ଯୋଜନା ପ୍ରସ୍ତୁତ କରିନିଅନ୍ତୁ । ମୋର ଆଶା ଏହା ଉପରେ କାର୍ଯ୍ୟ ଆରମ୍ଭ ହୋଇଯିବଣି । ଅଲ୍ଲାଃତାଲା ସମସ୍ତ କାର୍ଯ୍ୟ ସୁନ୍ଦର ଭାବରେ ସମ୍ପାଦନ କରିବାକୁ ଆମକୁ ଶକ୍ତି ପ୍ରଦାନ କରନ୍ତୁ ।

❋❋❋❋ ❋❋❋❋ ❋❋❋❋ ❋❋❋❋

Khulasa Khutba Juma Huzoor Anwar a.b.a

26th July 2019